0000215

# ORIYA

# (COMPULSORY)

*Time Allowed : Three Hours* | *Maximum Marks : 300*

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

All questions are to be attempted.

The number of marks carried by a question/part is indicated against it.

Answers must be written in **ORIYA** (Oriya script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

**1.** ନିମ୍ନୋକ୍ତ ଯେ କୌଣସି **ଗୋଟିଏ** ବିଷୟରେ 600 ଶବ୍ଦ ମଧ୍ୟରେ **ଏକ** ପ୍ରବନ୍ଧ ଲେଖ : 100

(a) ଯୁବ ମାନସରେ ମାନସିକ ଚାପ ବୃଦ୍ଧି

(b) ଅସଫଳତା ହିଁ ସଫଳତାର ପାହାଚ୍

(c) ପଠନ ଅଭ୍ୟାସ ହ୍ରାସ ପାଇବାରେ ଲାଗିଛି କି ?

(d) ସମାଜର ଅନ୍ଧବିଶ୍ୱାସ ବିରୁଦ୍ଧରେ ସଂଗ୍ରାମ

**2.** ନିମ୍ନ ପରିଚ୍ଛେଦଟି ଭଲଭାବରେ ପାଠ କର ଏବଂ ଏହାକୁ ଭିତ୍ତି କରି ପରିଚ୍ଛେଦଟିର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସ୍ପଷ୍ଟ, ନିର୍ଭୁଲ ଓ ସଂକ୍ଷେପରେ ପ୍ରଦାନ କର । 5×12=60

ଏକ ସର୍ବେକ୍ଷଣ ରିପୋଟ୍ ଅନୁଯାୟୀ ଭାରତର ବିଭିନ୍ନ ମହାବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ପିଲାମାନଙ୍କମଧ୍ୟରୁ ପ୍ରାୟ ଶତକଡ଼ା ୪0 ଭାଗ ନିଯୁକ୍ତି କ୍ଷେତ୍ରରେ ଅଯୋଗ୍ୟ । ଯୁବସମାଜର ସଂପର୍କରେ ଆସୁଥିବା ଜଣେ ବ୍ୟକ୍ତିଭାବରେ ମୁଁ ଏ ଆକଳନରେ ସହମତ ନୁହେଁ । ଛାତ୍ରସମାଜ ସଂପର୍କରେ ଆସି ମୁଁ କେବଳ ଏତିକି କହିପାରେ ଯେ ଶତକଡ଼ା 90 ଭାଗ ଛାତ୍ର ନିଯୁକ୍ତି କ୍ଷେତ୍ରରେ ଅଯୋଗ୍ୟ, କାରଣ ସେମାନେ ଅସ୍ୱଷ୍ଟ ଓ ଦାୟିତ୍ୱହୀନ । ସମୟ ସହିତ ତାଳ ଦେବାକୁ ଯାଇ ଯୁବସମାଜ ସେମାନଙ୍କର ଖରାପ ଆଚରଣକୁ ନିର୍ଭରଯୋଗ୍ୟତା ଭାବରେ ଦେଖାଇଥାନ୍ତି । ସେମାନେ ବିନା ପରିଶ୍ରମରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନରେ ମନ ବଳାଇଥାନ୍ତି ।

ତେବେ ଏହା ନୁହେଁ ଯେ ସେମାନେ ଅଯୋଗ୍ୟ । ସେମାନଙ୍କ ମଧ୍ୟରୁ ଅନେକ ଭଲ ଇଂରେଜୀ କହନ୍ତି ଏବଂ ଖୁବ୍ ଆତ୍ମବିଶ୍ୱାସୀ । ସାଂପ୍ରତିକ ଜ୍ଞାନ ଭାବରେ ରିଂଗ୍ ଟୋନ୍, ଚଳଚ୍ଚିତ୍ର ଓ ଜୋକ୍ ସଂପର୍କରେ ସେମାନେ ଜାଣନ୍ତି । କିନ୍ତୁ ଯେତେବେଳେ ଆମେ ସାମାନ୍ୟ ପଛକୁ ଯିବା, ସେମାନେ ଏକ ପ୍ରକାରର ସ୍ଥାଣୁ ଦୃଷ୍ଟିରେ ଆମକୁ ଦେଖନ୍ତି । ସର୍ବଦା କିପରି ଅଧିକ ଅର୍ଥ ଉପାର୍ଜନ କରିବେ ସେ ସଂପର୍କରେ ଚିନ୍ତା କରନ୍ତି । ଏହାର ଶ୍ରେୟ ଯିବ ମିଡ଼ିଆ ପ୍ରସାର ଓ ନିୟମିତ ଭାବରେ ପ୍ରକାଶ ପାଉଥିବା ବେତନ ସର୍ବେକ୍ଷଣ ରିପୋଟ୍ । କିନ୍ତୁ ସେମାନେ ସେପରି କୌଶଳ ହାସଲ କରିପାରି ନାହାନ୍ତି ଯାହା ମାଧ୍ୟମରେ ସେମାନେ ଅଧିକ ଅର୍ଥ ଉପାର୍ଜନ କରିପାରିବେ । ସେମାନେ ଲାଭ କରିଥିବା ଡିଗ୍ରୀକୁ ସନ୍ଦେହ କରାଯାଇଥାଏ । ସେମାନେ ପଢ଼ିଥିବା ସ୍ନାତକ ପାଠ୍ୟରୁ କିଛି ପ୍ରଶ୍ନ କଲେ ଅଧିକାଂଶ ସହଜରେ ଉତ୍ତର ଦେଇ ପାରି ନ ଥାନ୍ତି । ଅଧିକ ଜାଣିବା ପାଇଁ କେହି ହେଲେ ପାଠ୍ୟ ବାହାରୁ କିଛି ପଢ଼ନ୍ତି ନାହିଁ । ଏହାଛଡ଼ା ଆହୁରି ମଧ୍ୟ କେତେକ ପ୍ରଶ୍ନ ଉଠିଥାଏ । ସେଗୁଡ଼ିକ ମାନବ ଧର୍ମ ଓ ଆଚରଣ ସଂପର୍କରେ, ଯଥା — ତୁମର କେଉଁଥିରେ ଦକ୍ଷତା ରହିଛି ? ତୁମେ ତୁମର ବଳକା ସମୟ କିପରି ବିନିଯୋଗ କରିଥାଅ ? ତା'ପରେ ଏଭଳି ଆତ୍ମବିଶ୍ୱାସୀ ଯୁବକ ଯୁବତୀମାନେ ଏକ ପ୍ରକାରର ସନ୍ଦିହାନ ଚକ୍ଷୁରେ ମୋତେ ପ୍ରଶ୍ନ କରିଥାନ୍ତି — ''ଏ ପ୍ରଶ୍ନର କି ଉତ୍ତର ମୁଁ ଦେବି ?''

ସେମାନେ ସବଦା ସଧାସଳଖ ଓ ପ୍ରସ୍ତୁତ ହୋଇଥିବା ଉତ୍ତର ଅପେକ୍ଷାରେ ଥାଆନ୍ତି । ସେମାନେ ଭାବନ୍ତି ତାଙ୍କୁ ସୁହାଇଲା ଭଳି ଉତ୍ତର ଦେବା ଆବଶ୍ୟକ । ''ମୁଁ ଯଦି ଏହାର ଦୀର୍ଘ ପ୍ରସ୍ତୁତି କରିବି, ତେବେ ଠିକ୍ ଉତ୍ତର ଦେଇ ପାରିବି'' — ଏପରି ସେମାନେ କହିଥାନ୍ତି । ତେଣୁ ଯୁବ ସମାଜ ରାତାରାତି ଉତ୍ସୁକ ପାଠକ, ଗିଟାର୍ ବାଦକ, ଷ୍ଟାର୍ ବ୍ୟାଟ୍‌ସମ୍ୟାନ୍ ଓ କଳାକାର ହୋଇଯାଇଥାନ୍ତି । ମୁଁ ଭାବୁଛି ଏପରି କୌଣସି ପ୍ରଶ୍ନକର୍ତ୍ତା ଅଛନ୍ତି, ଯେ ସେମାନଙ୍କର ଅସିଝା କଥାକୁ ଗ୍ରହଣ କରିନେବେ ।

ଭାରତବର୍ଷ ପ୍ରଗତି ପଥରେ ଅଗ୍ରସର ହେବାବେଳେ, ଆମେ ଏପରି ଏକ ଅଜ୍ଞାନୀ ପୀଢ଼ି ସୃଷ୍ଟି କରିଛୁ, ଯେଉଁମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଲା ବିନା ପରିଶ୍ରମରେ ଏକ ସୁନ୍ଦର ଓ ସୁସ୍ଥ ଜୀବନ ଯାପନ କରିବା । ମନେହୁଏ ଆମେ ଅନେକ ଚଳନ୍ତି ପଥର ତିଆରି କରୁଛୁ, ଯେଉଁମାନଙ୍କର କୌଣସି ନିଜସ୍ୱ ଦର୍ଶନ ନାହିଁ । ସେମାନଙ୍କର କୌଣସି ନିଷ୍ଠା ବା ଆଦର୍ଶ ନାହିଁ । ସୁଯୋଗ ଦେଲେ ସେମାନେ ନିଜେ କିଛି ଭଲ କାମ କରି ନିଜର ଗୌରବ ରକ୍ଷା କରିବା ପରିବର୍ତ୍ତେ, ସେମାନେ କେବଳ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବେ । ତୁମେ ଯେତେବେଳେ ଯୁବକ ଅବସ୍ଥାରେ ପହଞ୍ଚିବ ସେତେବେଳେ ତୁମଠାରେ କିଛି ଆଦର୍ଶବାଦ ଆଶା କରାଯାଏ । ତୁମର ଚିନ୍ତାଧାରାର କୌଣସି ମୂଲ୍ୟ ନ ଥାଇପାରେ କିନ୍ତୁ ତୁମେ ପରିସ୍ଥିତି ଦେଖାଦେଲେ ଦୃଢ଼ଭାବରେ ଛିଡ଼ା ହେବା ଦରକାର । ଏବେ ଯୁବସମାଜର କୌଣସି ପରିସ୍ଥିତିରେ ଛିଡ଼ା ହେବାର ମନୋଭାବ ନାହିଁ । ଆଜିର ପୀଢ଼ିର ଉତ୍ତର ଶୁଣି ମୋର ମନେହୁଏ ଯେ ସେମାନଙ୍କ ଜୀବନରେ ନୂତନ ମନ୍ତ୍ର ହେଲା ଅର୍ଥ । ତାଠାରୁ ଅଧିକ ଅର୍ଥପୂର୍ଣ୍ଣ କଥା କେହି କହିଲେ, ତାକୁ ପୁରୁଣାକାଳିଆ ବୋଲି କୁହାଯାଇଥାଏ ।

2.(a) ଯୁବସମାଜ ନିଯୁକ୍ତି କ୍ଷେତ୍ରରେ ଅଯୋଗ୍ୟ ହେବାର କାରଣ କ'ଣ ? 12

2.(b) ଆଜିର ଯୁବସମାଜ ଲେଖକଙ୍କଠାରୁ କ'ଣ ଚାହିଁଥାନ୍ତି ? 12

2.(c) ଲେଖକଙ୍କ ଅନୁସାରେ, ଆଜିର ଯୁବପୀଢ଼ିର ମୂଳ ଲକ୍ଷ୍ୟ କ'ଣ ? 12

2.(d) ଆଜିର ଯୁବସମାଜ କାହାକୁ ନୂଆ ମନ୍ତ୍ର ଭାବରେ ଗ୍ରହଣ କରି ନେଇଛନ୍ତି ? 12

2.(e) 'ଆଦର୍ଶବାଦ' ସଂପର୍କରେ ଆଜିର ଯୁବପୀଢ଼ିର ଦୃଷ୍ଟି କ'ଣ ? 12

3. ନିମ୍ନ ପରିଚ୍ଛେଦର ସଂକ୍ଷିପ୍ତ ସାର ଏକ-ତୃତୀୟାଂଶ ଶବ୍ଦରେ ଲେଖ । ଏହି ପରିଚ୍ଛେଦର କୌଣସି ଶୀର୍ଷକ ପ୍ରଦାନ କର ନାହିଁ । ଏହା ନିଜ ଭାଷାରେ ଲେଖିବା ଆବଶ୍ୟକ । 60

ରକ୍ଷା କ୍ଷେତ୍ରରେ ବିଦେଶ ଉପରେ ଖୁବ୍ କମ୍ ନିର୍ଭର କରି ଆତ୍ମନିର୍ଭରତା ପ୍ରାପ୍ତି କରିବା ସାମରିକ ଓ ଆର୍ଥିକ ଦୃଷ୍ଟିରୁ ଆଜି ଏକ ବିକଳ୍ପ ନୁହେଁ, ଏକ ଆବଶ୍ୟକତା । ଅତୀତରେ ସରକାର ଆମର ସାମରିକ ଶକ୍ତିର ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ସାମରିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବାକୁ ଯାଇ ଅସ୍ତ୍ରଶସ୍ତ୍ର କାରଖାନା ଓ ସାର୍ବଜନିକ କ୍ଷେତ୍ରର ପରିକଳ୍ପନା କରିଥିଲେ । ତଥାପି ଏ ଦିଗରେ ଭାରତୀୟ ସାର୍ବଜନିକ କ୍ଷେତ୍ରର ଭୂମିକା ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ସାମରିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷମତା ଆମ ଦେଶରେ ବୃଦ୍ଧି କରିବାର ପ୍ରଚେଷ୍ଟା ରହିବା ଆବଶ୍ୟକ । 'ଭାରତରେ ନିର୍ମାଣ କର' (ମେକ୍ ଇନ୍ ଇଣ୍ଡିଆ) ଚିନ୍ତାଧାରା ଆଧାରରେ ଏକ ନୂତନ ଉତ୍ସାହ ଓ ଉଦ୍ୟମର ବାତାବରଣ, ବିଭିନ୍ନ ପଦାର୍ଥର ଘରୋଇ ଉତ୍ପାଦନର ପ୍ରଚାର ଓ ପ୍ରସାର ନିମନ୍ତେ ସୃଷ୍ଟି କରାଯାଇଛି । ଅନ୍ୟ ସାମଗ୍ରୀ ଅପେକ୍ଷା ରକ୍ଷା ଉପକରଣର ଘରୋଇ ଉତ୍ପାଦନ ଅଧିକ ଆବଶ୍ୟକ, କାରଣ ଏହାଦ୍ୱାରା କେବଳ ଯେ ଅନେକ ପରିମାଣରେ ବିଦେଶୀ ମୁଦ୍ରାର ସଞ୍ଚୟ କରାଯାଇ ପାରିବ ତାହା ନୁହେଁ, ବରଂ ଏହାଦ୍ୱାରା ରାଷ୍ଟ୍ରୀୟ ସୁରକ୍ଷାଜନିତ ଚିନ୍ତା ମଧ୍ୟ ଦୂର କରାଯାଇପାରେ ।

ରକ୍ଷା କ୍ଷେତ୍ରରେ ସରକାର ହିଁ ଏକମାତ୍ର ଉପଭୋକ୍ତା । ତେଣୁ 'ଭାରତରେ ନିର୍ମାଣ କର', ଆମର କ୍ରୟ ନୀତି ଦ୍ୱାରା ପରିଚାଳିତ ହେବ । ସରକାରଙ୍କ ଘରୋଇ ଉଦ୍ୟୋଗର ବିକାଶ ନୀତି, ରକ୍ଷା କ୍ଷେତ୍ରରେ ଭଲଭାବରେ ପରିଲକ୍ଷିତ ହୋଇଥାଏ । ଫଳରେ 'ବାଇ ଗ୍ଲୋବାଲ' ପରିବର୍ତ୍ତେ 'ବାଇ ଇଣ୍ଡିଆନ୍' ଓ 'ବାଇ ଆଣ୍ଡ୍ ମେକ୍ ଇଣ୍ଡିଆନ୍'ର ମହତ୍ତ୍ୱ ଅଧିକ, ଆଗାମୀ ଦିନରେ ଦୁର୍ଲ୍ଲଭରୁ ଅତି ଦୁର୍ଲ୍ଲଭ ସାମଗ୍ରୀର ଆମଦାନୀ ଆମ ଦେଶରେ ସମ୍ଭବ ହୋଇ ପାରିବ, ଏବଂ ଜରୁରୀ ବ୍ୟବସ୍ଥାର ନିର୍ମାଣ ଓ ବିକାଶ ନିମନ୍ତେ ସର୍ବପ୍ରଥମେ ଭାରତୀୟ ଉଦ୍ୟୋଗକୁ ସୁଯୋଗ ମିଳିବ । ଯଦିଓ ଭାରତୀୟ କମ୍ପାନୀଙ୍କର ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଯୋଗ୍ୟତା ବା କ୍ଷମତା ନାହିଁ, ତଥାପି ଏମାନେ ବିଦେଶୀ କମ୍ପାନୀଙ୍କ ସହ ମିଶି ପ୍ରଯୁକ୍ତି ଜ୍ଞାନ ଓ ଅଭିଜ୍ଞତା ହସ୍ତାନ୍ତରଣ ବଳରେ ସଂଯୁକ୍ତ ଉଦ୍ୟମ କରି ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେବା ଉଚିତ ।

ଏ ପର୍ଯ୍ୟନ୍ତ ରକ୍ଷା କ୍ଷେତ୍ରରେ ଘରୋଇ ଉଦ୍ୟୋଗର ପ୍ରବେଶ ନିମନ୍ତେ ଲାଇସେନ୍‌ସ ଓ ପ୍ରତ୍ୟକ୍ଷ ବିଦେଶୀ ନିବେଶ ପ୍ରତିବନ୍ଧକ ଆଦି କେତେକ ବାଧା ରହିଛି । ରକ୍ଷା କ୍ଷେତ୍ରରେ ବିନିବେଶ ପ୍ରକ୍ରିୟାକୁ ସରଳ କରିବା ପାଇଁ ବିବିଧ ନୀତିର ଉଦାରୀକରଣ କରାଯାଇଛି । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ରକ୍ଷା କ୍ଷେତ୍ରରେ ବିନିବେଶ ନିମନ୍ତେ ଏଫ୍.ଡି.ଆଇ. ନୀତିର ଉଦାରୀକରଣ । ଲାଇସେନ୍‌ସ ନୀତିକୁ ମଧ୍ୟ ସରଳ କରାଯାଇଛି । ଏହାଛଡ଼ା ଏବେ ନିଜ ପୁଞ୍ଜି, କଞ୍ଚାମାଲ, ପରୀକ୍ଷଣ ଉପକରଣ, ଉତ୍ପାଦନ ମେସିନାରୀ ଆଦି ସାମଗ୍ରୀକୁ

ଲାଇସେନ୍ସର ଆବଶ୍ୟକତାଠାରୁ ଦୂରରେ ରଖାଯାଇଛି । ଯେଉଁ କମ୍ପାନୀ ଏ ପ୍ରକାର ସାମଗ୍ରୀର ଉତ୍ପାଦନ କରିବାକୁ ଆଗ୍ରହୀ ସେମାନଙ୍କୁ ଆଉ ଲାଇସେନ୍ସ ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ରକ୍ଷା କ୍ଷେତ୍ରରେ ଉଭୟ ଘରୋଇ ଓ ବିଦେଶୀ ନିବେଶକଙ୍କ ନିମନ୍ତେ ଏକ ବଡ଼ ସୁଯୋଗ ଦିଆଯାଇଛି । ଗୋଟିଏ ପକ୍ଷରେ ଯେତେବେଳେ ସରକାର ଉତ୍ପାଦନ, ଲାଇସେନ୍ସିଙ୍ଗ୍, ଏଫ୍.ଡି.ଆଇ. ସହିତ ପୁଞ୍ଜି ଲଗାଣ ଓ କ୍ରୟ ନୀତିରେ ଅନେକ ପରିବର୍ତ୍ତନ ଆଣୁଛନ୍ତି, ସେତେବେଳେ ଉଦ୍ୟୋଗ ଜଗତକୁ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଗାମୀ ହେବାର ଆହ୍ୱାନକୁ ସ୍ୱୀକାର କରି ଅଗ୍ରଗାମୀ ହେବା ଦରକାର । ରକ୍ଷା ଏପରି କ୍ଷେତ୍ର ଯାହା ସାଂପ୍ରତିକ ପ୍ରଯୁକ୍ତି ଜ୍ଞାନ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଯାହା ପାଇଁ ଅଧିକ ବିନିଯୋଗ ଓ ନୂତନ ଜ୍ଞାନର ଆବଶ୍ୟକତା ରହିଛି । ତେଣୁ ଉଦ୍ୟୋଗଗୁଡ଼ିକୁ ଅସ୍ଥାୟୀ ଲାଭ ଉପରେ ମନୋନିବେଶ ନ କରି, ଅଧିକ ସମୟ ପାଇଁ ବଜାରରେ ଚାହିଦା ସୃଷ୍ଟି କରିବାର ମାନସିକତା ସୃଷ୍ଟି କରିବା ଆବଶ୍ୟକ । ଆମକୁ ଅଧିକ ଗବେଷଣା ଓ ପ୍ରସାର ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଉତ୍ପାଦନ କ୍ଷମତା ବଢ଼ାଇବା ଉପରେ ଅଧିକ ଧ୍ୟାନ ଦେବା ଉଚିତ । ସରକାର ଘରୋଇ ଉଦ୍ୟୋଗ ନିମନ୍ତେ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଯାହାଫଳରେ ଘରୋଇ ଓ ସାର୍ବଜନିକ, ଉଭୟ କ୍ଷେତ୍ରରେ ସମାନ ବ୍ୟାବସାୟିକ ଉନ୍ନତି ସାଧନ ହୋଇପାରିବ ।

(Total words – 415)

**4.** ନିମ୍ନ ପରିଚ୍ଛେଦଟିକୁ ଇଂରେଜୀରେ ଅନୁବାଦ କର । 20

ଆରବ ଦେଶର ଅଧିକ ଅଂଶ ମରୁଭୂମି । ସେଠାରେ ବାଲୁକା ଓ ପ୍ରସ୍ତର ବ୍ୟତିରେକ ଆଉ କିଛି ନାହିଁ । ବାଲୁକା ଏପରି ଉତ୍ତପ୍ତ ଯେ ସେଠାରେ ତୁମେ ଦିନବେଳେ ଖାଲି ପାଦରେ ତା'ଉପରେ ଚାଲି ପାରିବ ନାହିଁ । ମରୁଭୂମିର ଏଣେତେଣେ ମାଟିତଳୁ ବାହାରିଥିବା ପ୍ରସ୍ରବଣ ରହିଛି । ସେଗୁଡ଼ିକ ଏତେ ଗଭୀର ସ୍ଥାନରେ ରହିଛି ଯେ ସୂର୍ଯ୍ୟ ସେଗୁଡ଼ିକୁ ଶୁଖାଇ ପାରିବ ନାହିଁ । ଏ ପ୍ରକାର ପ୍ରସ୍ରବଣ ସଂଖ୍ୟା ଖୁବ୍ କମ୍ ଓ ଗୋଟିଏ ଅନ୍ୟ ଗୋଟିଏ ଠାରୁ ଅନେକ ଦୂରରେ । କିନ୍ତୁ ଯେଉଁଠାରେ ଗୋଟିଏ ପ୍ରସ୍ରବଣ ରହିଛି, ସେଠାରେ ବୃକ୍ଷଗୁଡ଼ିକ ଖୁବ୍ ଲମ୍ବା ଓ ହୃଷ୍ଟପୁଷ୍ଟ ହୋଇ ସେ ସ୍ଥାନକୁ ଥଣ୍ଡା, ସବୁଜ ଓ ଛାୟାଦ୍ୱାରା ଆବୃତ୍ତ କରି ରଖିଥାନ୍ତି । ଏପରି ସ୍ଥାନକୁ ଓଏସିସ୍ କୁହାଯାଏ ।

ଆରବବାସୀ ଯେଉଁମାନେ ସହରରେ ନ ରହି ବର୍ଷସାରା ମରୁଭୂମିରେ ରହନ୍ତି, ସେମାନେ ତମ୍ବୁରେ ବାସ କରନ୍ତି । ତମ୍ବୁ ସହଜରେ ଟଣା ଯାଇପାରେ ଓ ଖୋଲା ଯାଇପାରେ ଏବଂ ତା'ଦ୍ୱାରା ସେମାନେ ନିଜର ମେଣ୍ଢା, ଛେଳି, ଓଟ ଓ ଘୋଡ଼ାଙ୍କ ପାଇଁ ଘାସ ଓ ପାଣି ଖୋଜି ଖୋଜି ଗୋଟିଏ ଓଏସିସ୍‌ରୁ ଆଉ ଗୋଟିଏ ଓଏସିସ୍‌କୁ ସହଜରେ ଯାଇଥାନ୍ତି । ମରୁଭୂମିର ଏହି ଆରବୀୟମାନେ ପାଚିଲା ମଧୁର ଗୁଚ୍ଛ ଖାଇବା ସଙ୍ଗେ ସଙ୍ଗେ ଖଜୁରୀ ଗଛରୁ ଖଜୁରୀ କୋଳି ଖାଇଥାନ୍ତି । ସେମାନେ ତାକୁ ଶୁଖାଇ ସାଇତି ରଖନ୍ତି ଓ ବର୍ଷର ବିଭିନ୍ନ ସମୟରେ ଖାଦ୍ୟରୂପେ ବ୍ୟବହାର କରିଥାନ୍ତି ।

ଏଇ ଆରବୀୟଙ୍କ ପାଖରେ ପୃଥିବୀର ସବୁଠାରୁ ଉନ୍ନତ ଘୋଡ଼ା ଅଛନ୍ତି । ଜଣେ ଘୋଡ଼ା ଚଢ଼ିବାରେ ଖୁବ୍ ଗର୍ବ ଅନୁଭବ କରିଥାଏ ଏବଂ ଘୋଡ଼ାକୁ ତା'ର ସନ୍ତାନ ଓ ସ୍ତ୍ରୀକୁ ଭଲ ପାଇବା ଭଳି ଭଲ ପାଇଥାଏ । ଜଣେ ଆରବୀୟ ପାଇଁ ଓଟ ତା'ର ସୁନ୍ଦର ଘୋଡ଼ାଠାରୁ ବିଶାଳ, ଶକ୍ତିଶାଳୀ ଏବଂ ଅଧିକ ଦରକାରୀ । ଗୋଟିଏ ଓଟ ଦୁଇଟି ଘୋଡ଼ା ବୋହିବା ସାମଗ୍ରୀଠାରୁ ଅଧିକ ବହନ କରିପାରେ । ସେମାନେ ଓଟ ଉପରେ ଜିନିଷପତ୍ର ରଖି ତା ଉପରେ ବସି ମରୁଭୂମିରେ ମାଇଲ୍ ମାଇଲ୍ ପଥ ଅତିକ୍ରମ କରିଥାନ୍ତି, ଯେପରିକି ଓଟ ତାଙ୍କପାଇଁ ବାସ୍ତବରେ ''ମରୁଭୂମିର ଜାହାଜ'', ଯେଉଁ ନାମରେ ସେ ପରିଚିତ ।

**5.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । 20

Language and communication are something that children learn by talking to one another. But schools consider this an act of indiscipline. Instead, we have a special grammar class to learn language ! One educationist remarked, 'It is nice that children spend just a few hours at school. If they spend all 24 hours in schools, they will turn out to be dumb !' In most schools, teachers talk, children listen. The same is true for other skills also. Children learn a great deal without being taught, by tinkering and pottering on their own.

Changes in the school system, if they are to be of lasting significance, must spring from the actions of teachers in their classrooms, teachers who are able to help children collectively. New programmes, new materials and even basic changes in organisational structure will not necessarily bring about healthy growth. A dynamic and vital atmosphere can develop when teachers are given the freedom and support to innovate. One must depend ultimately upon the initiative and respectfulness of such teachers and this cannot be promoted by prescribing continuously and in detail what is to be done.

In education we can cry too much about money. Sure, we could use more, but some of the best classrooms and schools I have seen or heard of, spend far less per pupil than the average in our schools today. We often don't spend well what money we have. We waste large sums on fancy buildings, unproductive administrative staff, on diagnostic and remedial specialists, on expensive equipment that is either not needed, or underused or badly misused, on tons of identical and dull textbooks, readers and workbooks, and now on latest devices like computers. For much less than what we do spend, we could make our classrooms into far better learning environments than most of them are today.

**6.** ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । 40

**6.(a)** ବ୍ୟାସବାକ୍ୟସହ ସମାସର ନାମ ଲେଖ । 4×2=8

**6.(a)(i)** ଚନ୍ଦ୍ରମୁଖୀ **6.(a)(ii)** ପଞ୍ଚାମୃତ

**6.(a)(iii)** ରାଜର୍ଷି **6.(a)(iv)** ଘୃତାନ୍ନ

**6.(b)** ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର । 4×2=8

**6.(b)(i)** ହାତ ଦେବା **6.(b)(ii)** ଗୋବର ଗଣେଶ

**6.(b)(iii)** ଅତି ଲେମ୍ବୁ ଚିପୁଡ଼ିଲେ ପିତା **6.(b)(iv)** ଆକାଶ କଇଁଆ ଚିଲିକା ମାଛ

**6.(c)** ସନ୍ଧି ବିଚ୍ଛେଦ କର । 4×2=8

**6.(c)(i)** ମହାତ୍ମା **6.(c)(ii)** ନରୋତ୍ତମ

**6.(c)(iii)** ଜଗନ୍ନାଥ **6.(c)(iv)** ତତ୍ସମ

**6.(d)** ଭ୍ରମ ସଂଶୋଧନ କର । 4×2=8

**6.(d)(i)** ସକ୍ଷମ **6.(d)(ii)** ସହକାରି

**6.(d)(iii)** ସୁସ୍ୱଷ୍ଟ **6.(d)(iv)** ତୃଟି

**6.(e)** ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରି ବାକ୍ୟରେ ବ୍ୟବହାର କର । 4×2=8

**6.(e)(i)** ପରିଶ୍ରମ **6.(e)(ii)** ଜ୍ଞାନୀ

**6.(e)(iii)** ଶାନ୍ତି **6.(e)(iv)** ମଧୁ

---